# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୩୪ (ଓଡ଼ିଆ ବୁଲେଟିନ) ସପ୍ତାହ -୧୭ ତାରିଖ: ୨୬.୦୪.୨୦୨୪


## ଝାରସୁଗୁଡା

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ମୁଖ୍ୟତଃ କିମ୍ବା ଆଂଶିକ ସଫା ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୩ ରୁ ୪୪ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୪ ରୁ ୨୬ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୨୧ % ରୁ ୩୧ % ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୧ % ରୁ ୧୪ % ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୯ ରୁ ୧୨ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 27-04-2024 | 28-04-2024 | 29-04-2024 | 30-04-2024 | 01-05-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 44 | 45 | 45 | 45 | 43 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 24 | 26 | 26 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 0 | 0 | 0 | 0 | 1 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 21 | 32 | 31 | 23 | 26 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 11 | 12 | 14 | 11 | 11 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 11 | 11 | 9 | 10 | 12 |
| ପବନ ଦିଗ (ଡିଗ୍ରୀ) | 259 | 251 | 288 | 292 | 287 |


ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ


## ସାଧାରଣ ଉପଦେଶ

- ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ଏବଂ ଆଗକୁ ତାପମାତ୍ରାରେ ବୃଦ୍ଧି (ଉଷ୍ଣ ଲହରୀ) ମଧ୍ୟ ଦେଖିବାକୁ ମିଳିପାରେ ତେଣୁ ଚାଷୀ ଭାଇମାନଙ୍କୁ କ୍ଷେତରେ ଥିବା ଫସଲରେ ଆବଶ୍ୟକତା ଅନୁଯାଇ ନିୟମିତ ଜଳସେଚନର ପ୍ରବନ୍ଧ ସକାଳ କିମ୍ବା ସନ୍ଧ୍ୟା ସମୟରେ କରିବାକୁ ପରାମର୍ଶ ଦିଆଯାଉଛି ଏବଂ ସିଞ୍ଚନ ପ୍ରଣାଳୀରେ ଜଳସେଚନ ଅଧିକ ଲାଭପ୍ରଦ ହୋଇଥାଏ । ଚାଷି ଭାଇମାନେ ଫଳ ଓ ପନିପରିବା କ୍ଷେତରେ ପଲିଥିନ, ପୁଆଳ କିମ୍ବା ଅନ୍ୟ ଫସଲ ଅବଶେଷକୁ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ୱାରା ମାଟିର ଆର୍ଦ୍ରତା ସହିତ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ ରହିଥାଏ । ପଶୁମାନଙ୍କୁ ଝାଞ୍ଜି ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରନ୍ତୁ ଏବଂ ଦିପହର ସମୟରେ କାମ କରାନ୍ତୁ ନାହିଁ ।
- ପ୍ରଚଳିତ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଆଗକୁ ଫସଲରେ ବିଭିନ୍ନ ପ୍ରକାରର ପୋକ ଏବଂ ରୋଗର ସଂକ୍ରମଣ ବଢାଇବାରେ ସହାୟକ ହୋଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | କେଣ୍ଡା ବାହାରିବା / ଫୁଲ ଅବସ୍ଥା / ଦୁଗ୍ଧ ଅବସ୍ଥା | • ଆସନ୍ତା ସପ୍ତାହରେ ପାଗ ମୁଖ୍ୟତଃ ଶୁଷ୍କ ରହିପାରେ ଏବଂ ତାପମାତ୍ରାରେ ମଧ ବୃଦ୍ଧି ଦେଖାଯାଇପାରେ ତେଣୁ ଗଛକୁ ଝାଞ୍ଜି ଖରାରୁ ରକ୍ଷା କରିବା ପାଇଁ କ୍ଷେତରେ ମାଟିର ଆର୍ଦ୍ରତା ବନାଇ ରଖିବାର ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି।<br>• ଧାନ ଗଛରେ କାଣ୍ଡ ବିନ୍ଧା ପୋକର ଉପଦ୍ରବ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. @ ୦.୩ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗରେ ପ୍ରୋୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି। |

| | | |
|---|---|---|
| | | • ଜୀବାଣୁଜନିତ ପତ୍ରପୋଡ଼ା ରୋଗର ନିୟନ୍ତ୍ରଣ ପାଇଁ, କୃଷକ ଭାଇ ପ୍ଲାଣ୍ଟୋମାଇସିନ୍ @ ୧ ଗ୍ରାମ / ଲିଟର ପାଣି ପ୍ରତି ଏକର ପ୍ରତି  ୨୦୦ ଲିଟର ପାଣି କିମ୍ବା ଷ୍ଟ୍ରେପ୍ଟୋ ସାଇକ୍ଲିନ୍ (୧୫୦ ମିଲି ଗ୍ରାମ) ସହିତ ୧ ଗ୍ରାମ କପର ଅକ୍ସିକ୍ଲୋରାଇଡକୁ ପ୍ରତି ଲିଟର ପାଣିରେ ମିଶାଇ ୮ ଦିନ ବ୍ୟବଧାନରେ ଦୁଇ ଥର ସିଞ୍ଚନ କରିବା ଉଚିତ। |
| ମୁଗ(ଖରା ଦିନିଆ) | ଫୁଲ ଓ ଫଳ ଧରିବା ଅବସ୍ଥା | • ଏବେ ଅଧିକାଂଶ କ୍ଷେତରେ ମୁଗ ଗଛରେ ଫଳ ଧରିବା ଆରମ୍ଭ ହୋଇଗଲାଣି ଏବଂ ଏହି ଅବସ୍ଥାରେ ଯଦି ଜଳର ଅଭାବ ହୁଏ ତାହାହେଲେ ଫଳର ଭଲ ବିକାସ ହୋଇପାରେ ନାହିଁ ତେଣୁ ପ୍ରଚଳିତ ପାଣିପାଗର ସ୍ଥିତିକୁ ଧ୍ୟାନରେ ରଖି କ୍ଷେତରେ ଜଳସେଚନର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଅଛି ।<br>• ମୁଗ କ୍ଷେତରେ ଜଉ ପୋକ ଲାଗିବାର  ଦେଖାଗଲେ ଏହାର  ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ  ମିଶାଇ ଶୁଷ୍କ  ପାଗକୁ ଦେଖି  ଖେତରେ ପ୍ରୟୋଗ କରନ୍ତୁ ।<br>• ଯଦି ମୁଗ କ୍ଷେତରେ ଫଳ ଧରିବା ସମୟରେ ଫଳ ଛେଦକ କିମ୍ବା ଫଳ ବିନ୍ଧା ପୋକର ପ୍ରକୋପ ଦେଖାଯାଏ ତା'ହେଲେ ଏହାର ନିୟନ୍ତ୍ରଣ ପାଇଁ   ୦.୩ ମିଲି  କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. କିମ୍ବା ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି କ୍ଷେତରେ ସିଞ୍ଚନ କରନ୍ତୁ। |
| ମକା | ଫଳ ଅବସ୍ଥା | • ବର୍ଷା ନ ହେବା ସ୍ଥିତିକୁ ଧ୍ୟାନରେ ରଖି ମାଟିର ଆର୍ଦ୍ରତାକୁ ବନାଇ ରଖିବା ପାଇଁ ଆବଶ୍ୟକତା ଅନୁସାରେ ଜଳସେଚନ  କରନ୍ତୁ ।<br>• ମକା ଗଛରେ କାଣ୍ଡବିନ୍ଧା ପୋକର ନିୟନିନ୍ତ୍ରଣ ପାଇଁ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫସ ୫୦% ଇ.ସି. @ ୨ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ  ଏବଂ ଫଲ ଆର୍ମିୱର୍ମ କୀଟର ନିୟନ୍ତ୍ରଣ  ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ ଇମାମେକଟିନ୍ସିନ ବେନଜୋଏଟ୍ କୁ ମିଶାଇ ଶୁଷ୍କ ପାଗ କ୍ଷେତରେ ସିଞ୍ଚନ କରନ୍ତୁ। |
| ଚିନାବାଦାମ | ପୁଷ୍ପ,କିଳା (peg) ଓ ଫଳ  ବାହାରିବା ଅବସ୍ଥା | • ଚିନାବାଦାମ ଗଛରେ ଫୁଲ ଅବସ୍ଥାରେ ଏକର ପ୍ରତି ୨୦୦ କିଲୋଗ୍ରାମ ହିସାବରେ ଜିପସମର ସାରର ପ୍ରୟୋଗ ମାଟିରେ ଗଛ ପାଖରେ ଉପଯୁକ୍ତ ଆର୍ଦ୍ରତା ଥିବା ସମୟରେ କରାଯିବା ଉଚିତ କାରଣ ଏହା ପେଗ ଏବଂ ବିକସିତ ଫଳ ଦ୍ୱାରା କ୍ୟାଲସିୟମର ଉପଯୋଗ ହୋଇଥାଏ। |
| ଆମ୍ବ | ଫଳ ଅବସ୍ଥା | • ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେସିଞ୍ଚନ କରନ୍ତୁ।<br>• ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ ।<br>• ତାପମାତ୍ରା ଓ ଆର୍ଦ୍ରତାରେ ବୃଦ୍ଧି ସହିତ ଆମ୍ବ ଗଛରେ ଫଳ ମାଛିର ଉପଦ୍ରବ ବଢିବାର ଦେଖାଯାଇପାରେ ତେଣୁ ଏହାର ନିରୀକ୍ଷଣ ତଥା ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଅଛି।<br>• ଆମ୍ବ ଗଛରେ ଫଳର ବିକାସ ପାଇଁ ଏହି ମାସଟା ମହତ୍ୱପୂର୍ଣ ଅଟେ ଏବଂ ଏହି ଅବସ୍ଥାରେ ଗଛରେ ଜଳର ଅଭାବ ଯୋଗୁଁ ଫଳର ବିକାସ ବାଧାପ୍ରାପ୍ତ ହୋଇଥାଏ ତେଣୁ ଚାଷି ଭାଇମାନଙ୍କୁ ମାଟିର ଆର୍ଦ୍ରତା ବନାଇ ରଖିବାକୁ ୧୦ ରୁ ୧୫ ଦିନ ଅନ୍ତରାଳରେ ସକାଳ କିମ୍ବା ସନ୍ଧ୍ୟା ସମୟରେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଉଅଛି । |
| ପନିପରିବା | ବନସ୍ପତି ବିକାସ,ଫୁଲ ଓ ଫଳ ଅବସ୍ଥା | • ଆଗକୁ କିଛି ଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା କମ ଅଛି ଏବଂ ଏହି ସମୟ ଅବଧିରେ କିଛିଟା ଜାଗାରେ ଉଷ୍ଣ ଲହରୀର ସମ୍ଭାବନା ମଧ ଦେଖାଯାଇପାରେ ତେଣୁ କ୍ଷେତରେ ଆର୍ଦ୍ରତା ବନାଇ ରଖିବା ପାଇଁ ଜଳ ସେଚନର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ବାଇଗଣ, ଭେଣ୍ଡି ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଲୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ।<br>• ପିଆଜ ଗଛ ରେ ବାଇଗଣି ଦାଗ କିମ୍ବା ପର୍ପଲ   ବ୍ଲଚ ରୋଗର ନିୟନ୍ତ୍ରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରନ୍ତୁ ।<br>• ଉକୁଣିଆ ପୋକର ପ୍ରକୋପରୁ ଗଛକୁ ରକ୍ଷା କରିବା ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ |

| | | |
|---|---|---|
| | | ଥାଇଓମିଥୋକ୍ସାମ କୁ ପ୍ରତି ଲିଟର ପାଣି କିମ୍ବା ୧ ଗ୍ରାମ ଏସିଟାମିପ୍ରିଡ ୨୦ ପ୍ରତିଶତ ଇ.ସି. କୁ ୪ ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରନ୍ତୁ। |
| ଗାଈଓ ମଇଷି | • ଆଗକୁ ତାପମାତ୍ରାର ପ୍ରଚଳିତ ସ୍ଥିତି ବଜାୟ ରହିବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ ଏବଂ ଆଗକୁ ଝାଞ୍ଜି ପବନ ବହିବାର ସମ୍ଭାବନା ଅଛି ତେଣୁ ଜଳର ପରିମାଣ ବଢାଇବା ସହିତ ସେମାନଙ୍କୁ ସବୁଜ ଘାସ, ପୁଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ, ମିଶ୍ରିତ ଖଣିଜ ଲବଣ ଏବଂ ଲୁଣ ଖାଇବାକୁ ଦିଅନ୍ତୁ ।<br>• ସେମାନଙ୍କୁ ଛାଇ ରେ ରଖନ୍ତୁ ଓ ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧ୍ୟରେ ଚରାଇବାକୁ ବାହାରକୁ ଛାଡନ୍ତୁ ନାହିଁ ।<br>• ଗୁହାଳର ତଳପଟରେ ପୁଆଲ କିମ୍ବା ଧଳା ପେଣ୍ଟ କିମ୍ବା ପ୍ଲାଷ୍ଟରର ବ୍ୟବସ୍ଥା କରନ୍ତୁ କାରଣ ଏହା ଦ୍ୱାରା ତାପମାତ୍ରା ନିୟନ୍ତ୍ରଣ ହୋଇଥାଏ ।<br>• ପଶୁମାନଙ୍କୁ ଜଳ ଦ୍ୱାରା ପାଇପ ସାହାଯ୍ୟରେ ଗାଧାନ୍ତୁ କିମ୍ବା ଜଳ ଭଣ୍ଡାର ଯେପରିକି ପୋଖରୀ ଇତ୍ୟାଦିରେ କିଛି ସମୟ ପାଇଁ ଛାଡିଦିଅନ୍ତୁ ଯେପରିକି ସେମାଙ୍କ ଶରୀରର ତାପମାତ୍ରା କମିଯିବ । | |



| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |
|---|---|



---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।